**୨ ବାଇକ୍ ଜବତ, ଦୁଇ ଗିରଫ**

ବଇଣ୍ଡା,(ପରିକ୍ଷିତ ସାହୁ): ମଦ୍ୟପାନ କରି ଗାଡି ଚଳାଉଥିବା ଅଭିଯୋଗରେ କିଶୋରନଗର ବ୍ଲକ ଆନନ୍ଦମୁଣ୍ଡା ଗ୍ରାମର ଶରତ ମୁଣ୍ଡା ଓ ଲୁହାମୁଣ୍ଡା ଅଞ୍ଚଳର ସୁରଥ କୁମାର ସାହୁଙ୍କୁ ହଣ୍ଡପା ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ୨ଟି ବାଇକ୍ ଜବତ ହୋଇଛି। ଏ ନେଇ ୨ ଟି ମାମଲା ରୁଜୁ ହୋଇଛି। ଉଭୟେ ମଦ୍ୟପାନ କରି ବାଇକ ଚଳାଉଥିବା ପୋଲିସ ଯାଞ୍ଚ ବେଳେ ଧରାପଡ଼ିଥିଲେ।

# ରେଳ ଧାରଣାରେ କଟି ଯୁବକ ମୃତ

**କଣିହାଁ,୧୭।୬(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ କୋଇଲା ଖଣିରୁ ଏନ୍‌ଟିପିସି ପ୍ରକଳ୍ପକୁ ଟ୍ରେନ୍ ଯୋଗେ କୋଇଲା ପରିବହନ ହେଉଛି। ସୋମବାର ଅପରାହ୍ନରେ ରେଳ ଲାଇନ୍‌ର କମରେଇ ପଞ୍ଚାୟତ ଦଣ୍ଡସିଙ୍ଗା ଗ୍ରାମ ରେଲୱେ କ୍ରସିଂ ନିକଟରେ ଜଣେ ଯୁବକ ରେଳ ଲାଇନରେ କଟି ପ୍ରାଣ ହରାଇଛନ୍ତି। ଏହାକୁ ନେଇ ଚାପା ଉତ୍ତେଜନା ଦେଖାଦେଇଥିବାବେଳେ ବୁଝାମଣା ପରେ କୋଇଲା ପରିବହନ କାର୍ଯ୍ୟ ସ୍ୱାଭାବିକ ହୋଇଛି। ପୋଲିସ କହିଛି, କମରେଇ ଗ୍ରାମର କନ୍ଦର୍ପ ପରିଡା ସକାଳେ ଘରୁ ଚାଲିଯାଇଥିବା ବେଳେ ଅପରାହ୍ନରେ ରେଳ ଧାରଣାରେ ମୃତ୍ୟୁ ଖବର ମିଳିଥିଲା। ଘଟଣାସ୍ଥଳରୁ ତାଙ୍କ ମୃତଦେହ ଜବତ କରାଯାଇଥିଲା। ପରିବାରବର୍ଗଙ୍କ ଅଭିଯୋଗକ୍ରମେ ନଂ.୭/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନ୍‌ଟିପିସି ପ୍ରକଳ୍ପର ବିଭିନ୍ନ ଅଧିକାରୀ ଓ ପ୍ରଶାସନିକ ଅଧିକାରୀଙ୍କ ତରଫରୁ ଅନୁକମ୍ପା ମୂଳକ ସହାୟତା ପ୍ରଦାନ କରାଯାଇଥିବା ଜଣାଯାଇଛି।

# ଯୁବକଙ୍କୁ ଟାଙ୍ଗିଆରେ ଆକ୍ରମଣ ଅଭିଯୋଗ

**ବଇଣ୍ଡା,୧୭।୬(ପରିକ୍ଷିତ ସାହୁ)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଠାକୁରଗଡ଼ ଅଞ୍ଚଳର ପପୁ କୁରେସିଙ୍କୁ ଦୀନବନ୍ଧୁପୁର ଗ୍ରାମର ଗଣେଶ୍ୱର ବେହେରା, ଅଗସ୍ତି ବେହେରା ଏକ ଟାଙ୍ଗିଆରେ ଆକ୍ରମଣ କରିଥିବା ସୋମବାର ଥାନାରେ ପପୁଙ୍କ ଭାଇ ଗୁଡ୍ଡୁ କୁରେସୀ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୧୩୧/୨୪ରେ ମାମଲା ରୁଜୁ କରିଛି। ପୋଲିସ କହିଛି, ପପୁ ଦୀନବନ୍ଧୁପୁର ଗ୍ରାମକୁ ସାମଗ୍ରୀ କିଣିବାକୁ ଯାଇଥିବାବେଳେ ଗଣେଶ୍ୱରଙ୍କ ସହ ଝଗଡା ହୋଇଥିଲା। ପରେ ଉତ୍କ୍ଷିପ୍ତ ହୋଇ ଗଣେଶ୍ୱର ଓ ଅଗସ୍ତି ଏକ ଟାଙ୍ଗିଆ ସାହାଯ୍ୟରେ ଆକ୍ରମଣ କରିଥିଲେ। ଏଥିରେ ପପୁ ଗୁରୁତର ହୋଇ ପ୍ରଥମେ ଆଠମଲ୍ଲିକ ଓ ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେଠାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

# ଡ୍ରେନ୍ ନିର୍ମାଣ ହେଉନି, ନର୍ଦ୍ଦମା ପାଣି ରାସ୍ତାରେ



**ବଇଣ୍ଡା,୧୭।୬(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଟାପଢୋଲ ଗ୍ରାମର ପୂର୍ତ୍ତ ବିଭାଗ ରାସ୍ତା କଡରେ ଡ୍ରେନ ନିର୍ମାଣ ହେଉ ନାହିଁ। ଫଳରେ ସବୁଦିନେ ନାଳ ନର୍ଦ୍ଦମା ପାଣି ରାସ୍ତାରେ ଯାଉଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଯାଇଛି। ଏ ନେଇ ଟାପଢୋଲ ଗ୍ରାମବାସୀ ସୋମବାର ଅନୁଗୋଳ ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି, ଟାପଢୋଲରୁ ବନ୍ତୁଲ ପର୍ଯ୍ୟନ୍ତ ଆସିଥିବା ପୂର୍ତ୍ତ ବିଭାଗ ରାସ୍ତାର ଟାପଢୋଲ ଗ୍ରାମରେ ଡ୍ରେନ୍ ନିର୍ମାଣ କରାଯାଇ ନାହିଁ। ବିଶେଷ କରି ରାସ୍ତା କିଛି ବର୍ଷ ହେବ ନିର୍ମାଣ ହୋଇଥିବାବେଳେ ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ପାଇଁ ଅଞ୍ଚଳବାସୀ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟଠାରେ ଅଭିଯୋଗ କରିଥିଲେ କୌଣସି ସୁଫଳ ମିଳୁନାହିଁ। ଫଳରେ ବିଭିନ୍ନ ଦୋକାନ, ଘରୁ ବାହାରୁଥିବା ନର୍ଦ୍ଦମା ପାଣି ରାସ୍ତାରେ ଯାଉଛି। ଏହି ରାସ୍ତାରେ ଯାଉଥିବା ବାଟୋଇମାନେ ନର୍ଦ୍ଦମା ପାଣିକୁ ମାଡି ଯାଉଥିବା ଯୋଗୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିସହ ବର୍ଷା ହେଲେ ରାସ୍ତାରେ ପାଣିର ସୁଅ ଛୁଟୁଥିବା ଯୋଗୁ ଗମନାଗମନ କ୍ଷେତ୍ରରେ ବ୍ୟାପକ ଅସୁବିଧା ସୃଷ୍ଟି ହେଉଥିବା ଟାପଢୋଲ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ପୂର୍ତ୍ତ ବିଭାଗ ଦୃଷ୍ଟି ଦେଇ ଡ୍ରେନ୍ ନିର୍ମାଣ କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ତିରୋଧାନ ଦିବସ

**ବଇଣ୍ଡା,୧୭।୬(ପରିକ୍ଷିତ ସାହୁ)**

ଆଠମଲ୍ଲିକ ବ୍ଲକ ଗୌତମପୁର ଗ୍ରାମରେ ଗୋପବନ୍ଧୁ ସେବା ସଙ୍ଗଠନ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଙ୍ଗଠନର ଦେବରାଜ ନାୟକ, ସୀତାକାନ୍ତ ପ୍ରସାଦ ହୋତା, ସନ୍ତୋଷ ମେହେର, ଅଭିରାମ ମେହେର, ସଲିନ ମେଣ୍ଡୁଲି, ରଜତ ବାଘ, ବିକ୍ରମ କର୍ଣ୍ଣ, ଦୀନବନ୍ଧୁ ମେଣ୍ଡୁଲି, ପ୍ରକାଶ ଗିରି ପ୍ରମୁଖ ଯୋଗଦେଇ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିସହ ନିଜ ସଙ୍ଗଠନ ମାଧ୍ୟମରେ କିଭଳି ଗରିବ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିହେବ ସେ ନେଇ ଆଲୋଚନା କରାଯାଇଥିଲା।



# ଯୁବତୀଙ୍କୁ ଆକ୍ରମଣ ଅଭିଯୋଗ

**ଛେଣ୍ଡିପଦା,୧୭।୬(ଅଜିତ ଧଳ)**

ଛେଣ୍ଡିପଦା ବ୍ଲକ ବାଗଡିଆ ଥାନା ଅଞ୍ଚଳରେ ଜଣେ ଯୁବକଙ୍କ ଆକ୍ରମଣରେ ଜଣେ ଯୁବତୀ ଆହତ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୧୨୮/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ କହିଛି, ବାଗଡିଆ ଥାନା ଅଞ୍ଚଳର ଜଣେ ଯୁବତୀ ଘରେ ଶୋଇଥିବାବେଳେ ସେହି ଅଞ୍ଚଳର ଜଣେ ଯୁବକ ବିଳମ୍ବିତ ରାତିରେ ତାଙ୍କ ଘରେ ପଶି ଆକ୍ରମଣ କରିଥିଲେ। ଫଳରେ ସେ ଆହତ ହୋଇଥିଲେ। ଏ ନେଇ ଯୁବତୀ ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ପୁରୀ ରଥଯାତ୍ରାରେ ଭକ୍ତଙ୍କୁ ଅନ୍ନପ୍ରସାଦ ଦିଆଯିବ



**ଛେଣ୍ଡିପଦା,୧୭।୬(ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ମଣ୍ଡଳର ଜୟ ଜଗନ୍ନାଥ ସେବା ସଂଘ ପକ୍ଷରୁ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଭକ୍ତଙ୍କୁ ଅନ୍ନପ୍ରସାଦ ଯୋଗାଇବା ପାଇଁ ଛେଣ୍ଡିପଦାସ୍ଥିତ ଯୋଗ ଶିବିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବିପିନି ବିହାରୀ ନାଥ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ଅଧ୍ୟାପକ ବୁଦ୍ଧଦେବ ପ୍ରଧାନ ଯୋଗଦେଇ ରଥଯାତ୍ରା ସମୟରେ ଶ୍ରୀକ୍ଷେତ୍ରରେ କିପରି ଶୃଙ୍ଖଳିତ ଓ ସୁଚାରୁରୂପେ ୧୦ଦିନ ଅନ୍ନପ୍ରସାଦ ଭକ୍ତମାନଙ୍କୁ ବିତରଣ ହୋଇପାରିବ ସେ ନେଇ ଆଲୋଚନା କରିଥିଲେ। ବୈଠକରେ ଜିଲା ପରିଷଦ ସଦସ୍ୟ ଯଶୋବନ୍ତ ବେହେରା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତ୍ରିପୁର ମାଝୀ, ରବିନାରାୟଣ ପ୍ରଧାନ, ସୁଜିତ ସାହୁ, ପ୍ରମୋଦ ବେହେରା, ବିଜୟ ବେହେରା, ମୀନକେତନ ସାହୁ, ଜିତୁ ସାହୁ, ପ୍ରଶାନ୍ତ ପ୍ରଧାନ, ବିଦ୍ୟାଧର ସାହୁ, ରାମଚନ୍ଦ୍ର ପ୍ରଧାନ, ବୈରାଗୀ ପ୍ରଧାନ, ଘନଶ୍ୟାମ ମହାପାତ୍ର, ପ୍ରକାଶ ସାହୁ, କଳିଙ୍ଗ ସାହୁ, ବିଜୟ ଶତପଥୀ, ମହେଶ୍ୱର ସାହୁ, ଦୁଃଶାସନ ଦେହୁରୀ, ଦୟାନିଧି ସାହୁ, ବିଶେଶ୍ୱର ପ୍ରଧାନ, ସୁବାସ ପ୍ରଧାନ, ରଞ୍ଜନ ସାହୁଙ୍କ ସମେତ ସଭାରେ ମଣ୍ଡଳର ପ୍ରାୟ ଶତାଧିକ ଜଗନ୍ନାଥପ୍ରେମୀ ଉପସ୍ଥିତ ଥିଲେ।

# ବାଇକ୍ ସହ ଜଳିଗଲା ଘର

**କଣିହାଁ,୧୭।୬(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ରେଙ୍ଗାଳି ଥାନା ପରମପଶି ଗ୍ରାମରେ ସୋମବାର ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡ ଯୋଗୁ ଭାବଗ୍ରାହୀ ସାହୁଙ୍କ ଦୁଇ ବଖରା ଚାଳ ଘର ଓ ବିଜୟ ପ୍ରଧାନ ଗୋଟିଏ ବାଇକ୍ ଜଳିଯାଇଥିଲା। ଖବରପାଇ କଣିହାଁ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏ ନେଇ ଅଗ୍ନିସେବା ଅଧିକାରୀ ଭ୍ରମରବର ମହାନ୍ତି କହିଛନ୍ତି, ବିଜୟ ପ୍ରଧାନଙ୍କ ପୁଅ କେଶବ ପାରିବାରିକ ଅସନ୍ତୋଷକୁ ନେଇ ନିଜ ବାଇକ୍‌ରେ ନିଆଁ ଲଗାଇ ଦେଇଥିଲେ। ବାଇକ୍ ନିଆଁରୁ ଘର ଜଳିଯାଇଥିଲା। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।



# ମରୁଡ଼ି ଓ ମରୁଭୂମି ପ୍ରତିରୋଧ ଉପରେ ଆଲୋଚନା




**ଅନୁଗୋଳ,୧୭।୬**

ଅନୁଗୋଳ ବ୍ଲକ ବେତର ଗ୍ରାମରେ ମରୁଡି ଓ ମରୁଭୂମି ପ୍ରତିରୋଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଚେତନତା ସଭାରେ ୱାର୍ଡ ମେମ୍ବର ହାଡିବନ୍ଧୁ ବେହେରା ଅଧ୍ୟକ୍ଷତା କରିଥିଲେ। ଗ୍ରାମର ଚିତ୍ରସେନ ପଧାନ, ପ୍ରଶାନ୍ତ ପ୍ରଧାନ, ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତିର ସଂଯୋଜକ ପ୍ରିୟବ୍ରତ ବେହେରା ଅତିଥି ଭାବେ ଯୋଗଦେଇ ମରୁଡି ଓ ମରୁଭୂମି ପ୍ରତିରୋଧ ପାଇଁ ଗ୍ରହଣ କରିବାକୁ ଥିବା ବିଭିନ୍ନ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ଜୈବିକ କୃଷି, ବୃକ୍ଷର ଉପଯୁକ୍ତ ଯତ୍ନ ଏବଂ ଜୈବବିବିଧତା ସନ୍ତୁଳନ ଦ୍ୱାରା ମରୁଡି ଓ ମରୁଭୂମିକୁ ପ୍ରତିହତ କରାଯାଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜଳ ଓ ଜମିର ଉପଯୁକ୍ତ ପରିଚାଳନା ଦ୍ୱାରା ଏହି ଏହି ଲକ୍ଷ୍ୟ ସାଧିତ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ଏବଂ ଶରଧାପୁର ପଞ୍ଚାୟତ ଜୈବବିବିଧତା ପରିଚାଳନା ସମିତି ମିଳିତ ଆନୁକୂଲ୍ୟରେ ଏହି ସଚେତନତା ସଭା ଆୟୋଜନ କରାଯାଇଥିଲା। ବୈଠକ ଶେଷରେ ବେତର ଗ୍ରାମର ଉଗ୍ରସେନ ପଧାନ, ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତିର ବିନୟ କୁମାର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ଭୁଜାଲି ମାଡ଼

**ଅନୁଗୋଳ,୧୭।୬**

ଅନୁଗୋଳ ସଦର ଥାନା ଛେଳିଆପଡା ଠାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଭୁଜାଲି ମାଡ଼ କରାଯାଇଛି। ଗୁରୁତର ଯୁବକ ଜଣକ ହେଲେ ଅନୁଗୋଳ ସଦର ଥାନା ଖଲାରୀ ଗ୍ରାମ ଗଡନାୟକ ସାହିର ଗୁଣନିଧି ଗଡନାୟକଙ୍କ ପୁଅ ଗଣେଶ୍ୱର ଗଡନାୟକ (୧୯)। ଗଣେଶ୍ୱର ଏକ ଟେଣ୍ଟ ହାଉସରେ କାର୍ଯ୍ୟ କରନ୍ତି। ସୋମବାର ସକାଳୁ ଟେଣ୍ଟ ମାଲିକ ତାଙ୍କୁ ଖମାରରେ କାମ କରୁଥିବା ଅନ୍ୟ ପିଲାମାନଙ୍କୁ ଆଣିବାକୁ ପଠାଇଥିଲେ। ଛେଳିଆପଡା ଅଞ୍ଚଳର କେତେଜଣ ଯୁବକ ଖମାର ଠାରୁ ଗଣେଶ୍ୱରଙ୍କୁ ଡାକି ଆଣିଥିଲେ ଓ ବାଟରେ ଭୁଜାଲି ସାହାଯ୍ୟରେ ମରଣାତ୍ମକ ଆକ୍ରମଣ କରିଥିଲେ। ଗଣେଶ୍ୱର ପ୍ରାଣ ବିକଳରେ ସେଠାରେ ବାଇକ୍ ଛାଡି ଘରକୁ ଦୌଡିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଗଣେଶ୍ୱଙ୍କର ବାମ ହାତ, ଅଣ୍ଟା, ପିଠି, ଜଙ୍ଘରେ ଗଭୀର ଆଘାତ ଲାଗିଛି। ଏ ନେଇ ସଦର ଥାନାରେ ଅଭିଯୋଗ ହେଇଛି।



# ଅଷ୍ଟମ ବାର୍ଷିକ ରଜ ମହୋତ୍ସବ ଉଦ୍‌ଯାପିତ



**କାମାକ୍ଷାନଗର,୧୭।୬(ଅମ୍‌ଜାଦ୍ ଖାନ୍)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ପଞ୍ଚାୟତ କନ୍ଧରା ଗ୍ରାମ କାଲବୁଦ୍ଧିଆ ୯ ନମ୍ବର ୱାର୍ଡଠାରେ ବିର୍ସା ମୁଣ୍ଡା କ୍ଲବ ତରଫରୁ ଚାଲିଥିବା ଅଷ୍ଟମ ବାର୍ଷିକ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ଧରି ବିଭିନ୍ନ ପ୍ରକାର ପ୍ରତିଯୋଗିତା ଯଥା ବଲ ମ୍ୟାଜିକ, ପାଣି କପଡା ବୋତଲ, ଅନ୍ଧ ପୁତୁଳି, ଗାଁ ଚିହ୍ନିବା, ଚାମଚ ବାଲାନ୍ସ, ତାସ ଖେଳ, ଜିକେ ଅନୁଷ୍ଠିତ ହୋଇଥିଲା। ଏଥିସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ କଙ୍କଡ଼ାହାଡ଼ ବ୍ଲକ ପୂର୍ବତନ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ସମ୍ମାନିତ ଅତିଥି ଭାବେ ବାମ ପଞ୍ଚାୟତ ସମିତି ସଭ୍ୟା ଲକ୍ଷ୍ମୀ ହେସା, କଙ୍କଡ଼ାହାଡ଼ ପୂର୍ବତନ ସରପଞ୍ଚ ହୃଦାନନ୍ଦ ବେହେରା, ସମବାୟ ସମିତି ସଭାପତି ପ୍ରକାଶ ବିଶ୍ୱାଳ, ବିନୟ କୁମାର ସିଂହ, ୱାର୍ଡ ମେମ୍ବର କୁନା ଚାତର, ବିର୍ସା ମୁଣ୍ଡା କ୍ଲବ୍ ସଭାପତି ଦୁର୍ଗାଚରଣ ଗାଗରାଇ, ସମ୍ପାଦକ କୁନା ଗାଗରାଇ, ଗୁରୁଚରଣ ଗାଗରାଇ, ଲକ୍ଷ୍ମଣ ମୁଣ୍ଡା, ଝୁନୁ ଗାଗରାଇ, ରସିକ ଗାଗରାଇ, ଦୁଃଶାସନ ମହାନ୍ତ ଉପସ୍ଥିତ ଥିଲେ। କୁନା ଚାତର ସଭା ପରିଚାଳନା କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ମସ୍‌ଜିଦରେ ସମୂହ ନମାଜ ପାଠ

**ଆଠମଲ୍ଲିକ,୧୭।୬(ଉଦୀପ୍ତ ପୁରୋହିତ)**

ମୁସଲମାନ ଭାଇମାନଙ୍କ ଭାଇଚାରାର ପର୍ବ ଇଦ୍-ଉଜ୍-ଜୁହା ଉତ୍ସାହ ଉଦ୍ଦୀପନାର ସହିତ ସୋମବାର ପାଳିତ ହୋଇଯାଇଛି। ସକାଳ ୯ରେ ସମସ୍ତ ମୁସଲମାନ ଭାଇ ସ୍ଥାନୀୟ ମସଜିଦକୁ ଆସି ନମାଜ ପାଠ କରିଥିଲେ। ନମାଜ ପାଠ ପରେ ସମସ୍ତେ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ମୁସଲିମ ପଞ୍ଚାୟତ କମିଟି ସଭାପତି ସିରାଜ ଅଲ୍ଲୀ ଖାଁ, ସମ୍ପାଦକ ମୁବାରକ ଖାଁ, କୋଷାଧ୍ୟକ୍ଷ ସାକିରୁଦ୍ଦିନ ଖାଁ, ସଭ୍ୟ ସଲିମ ଖାଁ, ସଦାକର ଖାଁ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



# ଆଜି କେନ୍ଦ୍ରମନ୍ତ୍ରୀଙ୍କ ଅନୁଗୋଳ ଗସ୍ତ

**ଅନୁଗୋଳ,୧୭।୬**

ଉତ୍ତରପ୍ରଦେଶର ବାରାଣସୀରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପିଏମ କିଷାନ ଯୋଜନାର ୧୭ତମ କିସ୍ତି ରିଲିଜ ହେବା ଅବସରରେ ଏକ ବିଶାଳ 'କିସାନ ସମ୍ମେଳନ' କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଯୋଗଦେବା ପରେ ଅନୁଗୋଳ ଗସ୍ତରେ ଆସିବେ। ପୂର୍ବାହ୍ନ ୧୧ଟା ୩୦ରେ କେନ୍ଦ୍ରମନ୍ତ୍ରୀ ଅନୁଗୋଳରେ ପହଞ୍ଚିବାର କାର୍ଯ୍ୟସୂଚୀ ରହିଛି। ପରେ ସେ ନାଲ୍‌କୋ ଗେଷ୍ଟ ହାଉସରେ ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାପରେ ସନ୍ଧ୍ୟା ୪ଟାରେ କୃଷି ବିଜ୍ଞାନ କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ।

# ଆଜିଠାରୁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ

**ଭୁବନ,୧୭।୬(ବିପିନ ବିହାରୀ ସେଠୀ)**



ଢେଙ୍କାନାଳ ଜିଲା ଭୁବନ ତୃତୀୟାଦେବ ଜୀଉ ମନ୍ଦିର ପରିସରରେ ସୋମବାର ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରଥମରୁ ମୁଖ୍ୟ ପୂଜକ ତୁଷାରକାନ୍ତୀ ମିଶ୍ର ଶ୍ଳୋକ ପାଠ କରିଥିଲେ। ପରିଚାଳନା କମିଟି ସଭାପତି ଶୁଭେନ୍ଦୁ କୁମାର ସାହୁ ସଭାପତିତ୍ୱ କରି ଚଳିତବର୍ଷ ରଥଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। ଗତବର୍ଷ ଯାତ୍ରାର ବିଭିନ୍ନ ସମସ୍ୟା ଓ ତ୍ରୁଟି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ରାମଚନ୍ଦ୍ର ରାଉତ, ଦିଲିପ ଦାସ, ନିରଞ୍ଜନ ପୃଷ୍ଟି, କୁଞ୍ଜବିହାରୀ ଚିନ୍ତା, ନିରଞ୍ଜନ ଗୁରୁ, ଅଜୟ ସେଠୀ, ବିନୋଦ କୁମାର ମହାରଣାଙ୍କ ସମେତ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ସମସ୍ତ ସେବାୟତ, ସେବକ, ପୂଜକ, ରଥ କାରିଗର, ଘଣ୍ଟୁଆଙ୍କ ସମେତ ସମସ୍ତ ସହଯୋଗୀ ଯୋଗ ଦେଇଥିଲେ। ସର୍ବସମ୍ମତିକ୍ରମେ ଯାତ୍ରା ମହାଆଡମ୍ବରରେ କରିବା ପାଇଁ ସ୍ଥିର ହୋଇଥିଲା। ଯାତ୍ରାର ପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା। ମଙ୍ଗଳବାରଠାରୁ ରଥ କାର୍ଯ୍ୟ ଆରମ୍ଭ କରାଯିବା ପାଇଁ ସ୍ଥିର କରାଯାଇଥିଲା। ପ୍ରଶାସନିକ ଅଧିକାରୀ ତଥା ପରିଚାଳନା କମିଟି ଓ ମନ୍ଦିର ସେବାୟତଙ୍କ ନିଷ୍ପତ୍ତିକ୍ରମେ ଯାତ୍ରାର ବିଭିନ୍ନ ନିୟମକୁ ପୁରୀ ମନ୍ଦିର ନୀତି ନିର୍ଘଣ୍ଟରେ ଯାତ୍ରା କରାଯିବା ପାଇଁ ସ୍ଥିର କରାଯାଇଛି। ଚଳିତ ବର୍ଷ ୩ଟି ରଥ ନିର୍ମାଣ ହେବା ସହ ଉଚ୍ଚତା ଉପରେ ଆଲୋଚନା କରାଯାଇଥିଲା।

# ସ୍ତ୍ରୀଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୧୭।୬(ପରିକ୍ଷିତ ସାହୁ)/ ଛେଣ୍ଡିପଦା (ଅଜିତ ଧଳ)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କୁସୁମଧରା ଗ୍ରାମର ଚତୁରୀ ଦାସଙ୍କୁ ତାଙ୍କ ସ୍ୱାମୀ ଦିଲୀପ ଦାସ ନିର୍ଯାତନା ଦେବା ସହ ମାଡ଼ ମାରିଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୩୨/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଦିଲୀପ ଦ୍ୱିତୀୟ ବିବାହ କରିଛନ୍ତି। ସେ ପ୍ରଥମ ସ୍ତ୍ରୀ ଚତୁରୀଙ୍କୁ ପ୍ରତ୍ୟେକ ଦିନ ବିନାକାରଣରେ ମାଡ଼ ମାରିବା ସହ ନିର୍ଯାତନା ଦେଉଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ସେହିପରି ଛେଣ୍ଡିପଦା ଥାନା ଛେଣ୍ଡିପଦା ଗ୍ରାମର ଲିପି ସାହୁଙ୍କୁ ତାଙ୍କ ସ୍ୱାମୀ ଲିଟନ ବେହେରା ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଲିପିଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୨୬୭/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

**ଶକ୍ତି ଦକ୍ଷତା ବ୍ୟୁରୋ**
(ଶକ୍ତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ବୈଧାନିକ ନିକାୟ)
୪ର୍ଥ ମହଲା, ସେବା ଭବନ, ଆର୍.କେ. ପୁରମ୍, ନୂଆଦିଲ୍ଲୀ - ୧୧୦୦୬୬
ୱେବ୍‌ସାଇଟ୍: www.beeindia.gov.in, ଫୋନ୍: ୦୧୧-୨୬୭୬୬୭୦୦
LiFE Lifestyle for Environment

**ଶକ୍ତି ପ୍ରବନ୍ଧକ ଏବଂ ଶକ୍ତି ସମୀକ୍ଷକଙ୍କ ପାଇଁ ୨୪ତମ ଜାତୀୟ ପ୍ରମାଣନ ପରୀକ୍ଷା ୨୮ ଓ ୨୯ ସେପ୍ଟେମ୍ବର, ୨୦୨୪**

ଶକ୍ତି ଦକ୍ଷତା ବ୍ୟୁରୋ ଶକ୍ତି ପ୍ରବନ୍ଧକ ଏବଂ ଶକ୍ତି ସମୀକ୍ଷକଙ୍କ ପାଇଁ **୨୮ ଓ ୨୯ ସେପ୍ଟେମ୍ବର, ୨୦୨୪** (ଶନିବାର ଓ ରବିବାର) ଦିନ ୨୪ତମ ଜାତୀୟ ପ୍ରମାଣନ ପରୀକ୍ଷା ଆୟୋଜନ କରିବେ।
ବିବରଣ ପୁସ୍ତିକାକୁ **www.aipnpc.org**ରୁ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ନିର୍ଦ୍ଦେଶାବଳୀ ଅନୁଯାୟୀ ଡାଉନ୍‌ଲୋଡ୍ କରାଯାଇପାରିବ। ଉପରୋକ୍ତ ୱେବ୍‌ସାଇଟ୍‌ର ଲିଙ୍କ୍ **www.beeindia.gov.in**ରେ ମଧ୍ୟ ଉପଲବ୍ଧ।
ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ: ୧ ଜୁଲାଇ, ୨୦୨୪, ୧୭.୦୦ ଘଟିକାରେ
ଅନ୍‌ଲାଇନ୍ ପଞ୍ଜୀକରଣ ସମାପ୍ତି: ୩୧ ଜୁଲାଇ, ୨୦୨୪, ୨୩.୫୯ ଘଟିକାରେ।
CBC 34106/12/0004/2425 (ସଚିବ)

# ଘର ଭାଙ୍ଗିଲା, ଫସଲ ନଷ୍ଟ କଲା





**ଛେଣ୍ଡିପଦା, ୧୭।୬ (ଅଜିତ ଧଳ)**

## ବାଘୁଆବୋଲ ଗ୍ରାମରେ ଦନ୍ତା ହାତୀ ଆତଙ୍କ

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ପାଟକମୁଣ୍ଡା ପଞ୍ଚାୟତ ବାଘୁଆବୋଲ ଗ୍ରାମରେ ଏକ ଦନ୍ତାହାତୀ ଆତଙ୍କ ଖେଳାଇଛି। ଫଳରେ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଘଟଣାରୁ ଜଣାପଡିଛି, ବାଘୁଆବୋଲ ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଉକ୍ତ ଦନ୍ତା ହାତୀଟି ରବିବାର ବିଳମ୍ବିତ ରାତିରେ ଗ୍ରାମକୁ ପଶି ଆସିଥିଲା। ପରେ ଗ୍ରାମର ପ୍ରାଣବନ୍ଧୁ ସେଠୀଙ୍କ କାନ୍ଥ ଭାଙ୍ଗି ଦେଇଥିଲା। ଏହାଦେଖି ପରିବାର ଲୋକ ଘରୁ ବାହାରକୁ ଦୌଡ଼ି ପଳାଇ ଆସିଥିଲେ। ହେଲେ ପ୍ରାଣବନ୍ଧୁଙ୍କ ବୃଦ୍ଧ ବାପା ଘରେ ଭିତରେ ରହିଯାଇଥିଲେ। ପରେ ଦନ୍ତାହାତୀଟି ଘରେ ପଶି ଧାନ ଖାଇଥିଲା। ଏହାଦେଖି ଗ୍ରାମବାସୀ ପାଟି କରିବା ସହ ବନବିଭାଗକୁ ସୂଚନା ଦେଇଥିଲେ। ଗ୍ରାମବାସୀ ଘର ଭିତରେ ରହିଯାଇଥିବା ବୃଦ୍ଧଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପରେ ଗ୍ରାମବାସୀଙ୍କ ସହାୟତାରେ ବନବିଭାଗ କର୍ମଚାରୀମାନେ ଦନ୍ତାକୁ ଘଉଡ଼ାଇ ଥିଲେ। ପ୍ରାୟ ୩ଘଣ୍ଟା ଉଦ୍ୟମ ପରେ ହାତୀଟି ଜଙ୍ଗଲ ଅଭିମୁଖେ ପଳାଇ ଯାଇଥିଲା। ପ୍ରାଣବନ୍ଧୁଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ତୁରନ୍ତ ସହାୟତା ଯୋଗାଇ ଦେବା ପାଇଁ ପରିବାର ଲୋକ ଦାବି କରିଛନ୍ତି। ଏହାପରେ ଉକ୍ତ ହାତୀଟି ଭାଲୁଖାଇ ଡିପରେ ଆମ୍ବ ବଗିଚା ଓ ପୋଟଳ ବଗିଚା ନଷ୍ଟ କରିଥିଲା। ଭାଲୁଖାଇ ଡିପର ଆରତୀ ସାହୁ ଓ ବାରୁ ସାହୁଙ୍କ ଆମ୍ବ ବଗିଚା ଦନ୍ତା ହାତୀ ନଷ୍ଟ କରିଥିବାବେଳେ ପ୍ରାଣବନ୍ଧୁ ସାହୁ, ଆଦିତ୍ୟ ସାହୁ, ସୌଭାଗ୍ୟ ବିଶ୍ୱାଳଙ୍କ ପୋଟଳ ବଗିଚାକୁ ହାତୀ ନଷ୍ଟ କରିଦେଇଛି। ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ଦାବି ହୋଇଛି।

# ଅନୁଗୋଳରେ ଆଜିଠୁ ସକାଳୁଆ ସ୍କୁଲ

## ପାଣି, ଓଆର୍‌ଏସ୍ ରଖିବାକୁ ନିର୍ଦ୍ଦେଶ

**ଅନୁଗୋଳ, ୧୭।୬**

ଗ୍ରୀଷ୍ମ ଛୁଟି ପରେ ୧୮ ତାରିଖଠାରୁ ଅନୁଗୋଳ ଜିଲାରେ ସମସ୍ତ ସ୍କୁଲ ଖୋଲିବା ପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ୨୦ ତାରିଖ ଯାଏ ସ୍କୁଲଗୁଡ଼ିକ ସକାଳ ୬ଟା ୩୦ରୁ ୧୦ଟା ୩୦ ପର୍ଯ୍ୟନ୍ତ ଖୋଲବା ପାଇଁ ନିଷ୍ପତ୍ତି ନିଆଯାଇଛି। ସ୍କୁଲ ଖୋଲିବ ପୂର୍ବରୁ ପରିବେଶକୁ ସଫାସୁତରା କରାଯିବା ସହ ଥଣ୍ଡା ପାଣି ଓ ଓଆର୍‌ଏସ୍ ପ୍ରଚୁର ପରିମାଣରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନୁଗୋଳରେ ସୋମବାର ତାପମାତ୍ରା ୪୦.୭ ଡିଗ୍ରୀ ଥିବା ବେଳେ ଆର୍ଦ୍ରତା ୪୯ ରହିଥିବାରୁ ଅସହ୍ୟ ଗୁଳୁଗୁଳି ଅନୁଭୂତ ହୋଇଥିଲା। ଆଗାମୀ ୪ରୁ ୫ ଦିନ ଏହିପରି ଗ୍ରୀଷ୍ମ ପ୍ରବାହ ରହିବ ବୋଲି କୁହାଯାଉଛି।

# ତୈଳିକ ସମାଜର ନୂତନ କର୍ମକର୍ତ୍ତା ଚୟନ

**ତାଳଚେର, ୧୭।୬ (ମନୋଜ ନନ୍ଦ)**

ତାଳଚେର ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନଂ. ୧୮ ଦେଉଳବେଡ଼ା ତେଲିସାହିର କାକୁଡିଆସାହି ତୈଳିକ ବୈଶ୍ୟ ସମାଜର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ନୂତନ ସଭାପତି ଭାବେ ଶିବାନନ୍ଦ ପୃଷ୍ଟି, ସମ୍ପାଦକ ଭାବେ ଜ୍ଞାନେଶ୍ୱର ସାହୁ, କୋଷାଧ୍ୟକ୍ଷ ଭାବେ ନିରାକାର ପୃଷ୍ଟି ଓ ଉପଦେଷ୍ଟା ଭାବେ ବିନୋଦ କୁମାର ପୃଷ୍ଟି, ରମେଶ ଚନ୍ଦ୍ର ସାହୁ, ସୁରଜ କୁମାର ସାହୁଙ୍କୁ ଚୟନ କରାଯାଇ ଲିଙ୍ଗରାଜ ଟାଉନଶିପ ଶିବମନ୍ଦିର ପ୍ରାଙ୍ଗଣରେ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପୂର୍ବତନ ସମ୍ପାଦକ ବସନ୍ତ କୁମାର ସାହୁ ସମସ୍ତ ଦାୟିତ୍ୱ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଦାନ କରିଥିଲେ ଏବଂ ନୂତନ ସଭାପତି ବିଦାୟୀ ସମ୍ବର୍ଦ୍ଧନା ଦେଇଥିଲେ। ଏହି ଅବସରରେ ୬ ଜଣଙ୍କୁ ସମାଜରେ ଅନ୍ତର୍ଭୁକ୍ତ କରାଗଲା। ପଡୋଶୀ ତୈଳିକ ସମାଜ ସଭାପତି ତଥା ତାଳଚେର ଆଞ୍ଚଳିକ ସମିତି କୋଷାଧ୍ୟକ୍ଷ ବିଜୟ କୁମାର ପୃଷ୍ଟି ଓ ଦେଉଳବେଡ଼ା ତେଲିସାହି ସମ୍ପାଦକ ଓ ତାଳଚେର ଆଞ୍ଚଳିକ ସମିତିର ସହ ସମ୍ପାଦକ ତଥା ଢେଙ୍କାନାଳ-ଅନୁଗୋଳ ୫୫ ସମିତି ଅଡିଟର ପ୍ରମୋଦ କୁମାର ପୃଷ୍ଟିଙ୍କ ସହିତ ୨୦ ସମିତିର ଉପଦେଷ୍ଟା ପ୍ରହ୍ଲାଦ ସାହୁ ଅତିଥି ରୂପେ ଯୋଗ ଦେଇଥିଲେ।



# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଭେଟିଲେ ଓକିଲ ସଂଘ କର୍ମକର୍ତ୍ତା

**ବଇଣ୍ଡା, ୧୭।୬ (ପରିକ୍ଷିତ ସାହୁ)**

ଆଠମଲ୍ଲିକ କ୍ରିମିନାଲ କୋର୍ଟ ବାର ଆସୋସିଏଶନ ପକ୍ଷରୁ ରବିବାର ଏକ ପ୍ରତିନିଧିମଣ୍ଡଳୀ ସମ୍ବଲପୁରଠାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ସମ୍ବର୍ଦ୍ଧନା ଜଣାଇଛନ୍ତି। ବରିଷ୍ଠ ଆଇନଜୀବୀ ଅଞ୍ଜନ କୁମାର ପ୍ରଧାନଙ୍କ ନେତୃତ୍ୱରେ ସୁଧାଂଶୁ ଶେଖର ବେହେରା, ପ୍ରାଣବନ୍ଧୁ ମେଣ୍ଡୁଲି, ସବ୍ୟସାଚୀ ସିଂ ସାମନ୍ତ, ଅମରେଶ ଚନ୍ଦ୍ର ଷଡଙ୍ଗୀ, ପ୍ରମୋଦ ରଥ ପ୍ରମୁଖ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ବିଭିନ୍ନ ସମସ୍ୟା ସହ ଉପଖଣ୍ଡର ବିଭିନ୍ନ ଗ୍ରାମର ବିକାଶ ଓ ଆଠମଲ୍ଲିକରେ ଲାଗି ରହିଥିବା ସମସ୍ୟା ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଖୁବ୍‌ଶୀଘ୍ର ଆଠମଲ୍ଲିକ ନିର୍ବାଚନମଣ୍ଡଳୀକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଗସ୍ତ କରିବେ ବୋଲି ଧର୍ମେନ୍ଦ୍ର ଓକିଲ ସଂଘକୁ କହିଥିଲେ।



କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଓକିଲ ସଂଘ କର୍ମକର୍ତ୍ତାମାନେ ଭେଟୁଛନ୍ତି।

# ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ




**ଅନୁଗୋଳ, ୧୭।୬**

ଅନୁଗୋଳ କେଦାରଗୌରୀ ଦୃଷ୍ଟିହୀନ ଆଶ୍ରମ, କୋଶଳା, ପବିତ୍ରନଗର, ପାଲଲହଡା, ମହୀଧରପୁର, ଆଠମଲ୍ଲିକ, ତାଳଚେର, କଣିହାଁ ଆଦି ୨୦ଟି ସ୍ଥାନରେ ଆର୍ଟ ଅଫ ଗିଭିଂ ଦିବସ ପାଳିତ ହୋଇଛି। ସନ୍ଧ୍ୟାରେ ଅନୁଗୋଳ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଆର୍ଟ ଅଫ ଗିଭିଂ ଉତ୍ସବ ପାଳନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ, ମୁଖ୍ୟବକ୍ତା ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ମାନିତ ଅତିଥି ଭାବେ ପାଲଲହଡା ବିଧାୟକ ଅଶୋକ ମହାନ୍ତି, ସମ୍ମାନିତ ଅତିଥି ଭାବେ ଯୋଗଗୁରୁ ଅଭୟ ରାୟ, ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଗାମ୍ବର ନନ୍ଦ, ଭାଜପା ନେତା ଦିଲୀପ ପ୍ରଧାନ, ଆର୍ଟ ଅଫ ଗିଭିଂ ସହ ସଂଯୋଜକ ଅଜୟ ସାହୁ, ମାନସ ମିଶ୍ର, ଶିଶିର ସାହୁ, ରଞ୍ଜିତ ସାମନ୍ତ, ରାଜେନ୍ଦ୍ର ଶୁଣ୍ଢୀ, ଜଙ୍ଗଲ ପୂର୍ତ୍ତି, ସୁଧୀର ଉଗ୍ରସନ୍ଧି, ନରେଶ ସାହୁ, ପୀତବାସ ସାହୁ, ବିପିନ, ମିଟୁ ନାଏକ, ମନୋଜ ନାଏକ, ବିଜୟ ପ୍ରଧାନ, କଳ୍ପତରୁ ନାଏକ, ପ୍ରଦ୍ୟୁମ୍ନ ପ୍ରଧାନ ପ୍ରମୁଖ କିଟ, କିସ୍‌ର କର୍ମକର୍ତ୍ତା ସହଯୋଗ କରିଥିଲେ। ସାମାଜିକ କର୍ମୀ ପର୍ଶୁରାମ ଦାସ, ପ୍ରଫୁଲ୍ଲ ମିଶ୍ର ସହଯୋଗ କରିଥିଲେ। ଆର୍ଟ ଅଫ ଗିଭିଂ ସଂଯୋଜକ ଅଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଏହା ଆରମ୍ଭ କରାଯାଇଥିବାରୁ ସେଥିପାଇଁ ତାଙ୍କୁ ଧନ୍ୟବାଦ ଦିଆଯାଇଥିଲା।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଭାଜପା ନେତା

**ବଇଣ୍ଡା, ୧୭।୬ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଆଠମଲ୍ଲିକର ଭାଜପା ନେତା ପରେଶ ଦେଓ ରବିବାର ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। କିଭଳି ଆଠମଲ୍ଲିକର ବିକାଶ ହେବ ସେ ନେଇ ମୁଖ୍ୟମନ୍ତ୍ରୀଙ୍କୁ ପରେଶ ଅନୁରୋଧ କରିଛନ୍ତି। ଏଥିସହ ଆଠମଲ୍ଲିକ ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଭାଜପା ସରକାର ଦୃଷ୍ଟି ଦେବାକୁ ନିବେଦନ କରିଛନ୍ତି। ୫ ବର୍ଷରେ ଆଠମଲ୍ଲିକର ଅନେକ ବିକାଶ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।



# ସ୍ୱାର୍ଥ ନ ଥାଇ ଦାନ କଲେ ଆତ୍ମସନ୍ତୋଷ ମିଳେ

**ଆଠମଲ୍ଲିକ, ୧୭।୬ (ଉଦୀପ୍ତ ପୁରୋହିତ)**




ଆଠମଲ୍ଲିକ ସୂଚନା ଭବନ ପରିସରରେ ଆଶିଷ କୁମାର ସିଂହଙ୍କ ପୌରୋହିତ୍ୟରେ ୧୧ ତମ ଆର୍ଟ ଅଫ ଗିଭିଂ ଡେ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଡ. ଜିତେନ୍ଦ୍ର କୁମାର ପାତ୍ର, ମୁଖ୍ୟବକ୍ତା ଭାବେ ରମେଶ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାଳକୃଷ୍ଣ କଅଁର, ଅନ୍ୟତମ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଜିତ କୁମାର ଭୋଇ, ଶିକ୍ଷାବିତ୍ ପୀତାମ୍ବର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଆର୍ଟ ଅଫ ଗିଭିଂ ଡେ ପାଳନର ଆବଶ୍ୟକତା ଉପରେ ବ୍ୟାଖ୍ୟା କରିବା ସହିତ ସ୍ୱାର୍ଥ ନ ଥାଇ ଅସହାୟ, ନିରାଶ୍ରୟଙ୍କୁ ଦାନ ସହିତ ସାହାଯ୍ୟ ଓ ସହଯୋଗ କଲେ ଆତ୍ମସନ୍ତୋଷ ମିଳିଥାଏ ବୋଲି ମତ ପ୍ରକାଶ କରିଥିଲେ। ଆର୍ଟ ଅଫ ଗିଭିଂ ଡେ ସଂଯୋଜକ ସିଂହ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ପରିକଳ୍ପନାରେ ଏହି ଦିବସ ପାଳନ ହେଉଥିବା ବେଳେ ଏବେ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଜନାଦୃତ ହେବାକୁ ଯାଉଛି ବୋଲି କହିଥିଲେ। ଏହି ଆଲୋଚନା ଚକ୍ରରେ ବହୁ ବୁଦ୍ଧିଜୀବୀ, ଆଇନଜୀବୀଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଆଲୋଚନାଚକ୍ରରେ ଭାଗ ନେଇଥିଲେ। ଖବରଦାତା ଉଦୀପ୍ତ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଡିଲେଶ୍ୱରଙ୍କୁ ଉତ୍କଳ ଜ୍ୟୋତି ସମ୍ମାନ

**କଣିହାଁ, ୧୭।୬ (ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ଜରଡା ପଞ୍ଚାୟତ ଗୁଇଲାଣ୍ଡ ଗ୍ରାମର ଡିଲେଶ୍ୱର ସାମଲଙ୍କୁ ରବିବାର ଉତ୍କଳ ଜ୍ୟୋତି ସମ୍ମାନ ମିଳିଛି। ଏହାକୁ ନେଇ କଣିହାଁ ବ୍ଲକ ରାଷ୍ଟ୍ରୀୟ କ୍ଷତ୍ରିୟ ମହାସଂଘ ଶାଖା ତରଫରୁ ସମ୍ପାଦକ ଅଙ୍ଗଦ ସାମଲ, ଉପସଭାପତି ପ୍ରଭାକର ମହାନ୍ତି, ବିଭିନ୍ନ ପଞ୍ଚାୟତ କାର୍ଯ୍ୟକର୍ତ୍ତା ଯଦୁମଣି ସାମଲ, ଗଦାଧର ସାମଲ, ପ୍ରଦୀପ ସାମଲ, ଜନକ ସାମଲ, ଦୋଳଗୋବିନ୍ଦ ସାମଲ ପ୍ରମୁଖଙ୍କ ସହିତ ଅନୁଗୋଳ ଜିଲା ମହାସଂଘ ସମ୍ପାଦକ ବିପିନି ବିହାରୀ ପଟ୍ଟନାୟକ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

ସୂଚନାରୁ ଜଣାଯାଏ, ଡିଲେଶ୍ୱର କଣିହାଁ ବ୍ଲକ ଅଞ୍ଚଳରେ ବୁଡି ଯାଉଥିବା ଲୋକକଳାର ପୁନରୁଦ୍ଧାର କ୍ଷେତ୍ରରେ କାର୍ଯ୍ୟ କରିବା ସହିତ ପୌରାଣିକ ଗାଥା ବସ୍ତୁକୁ ନେଇ ପାଲା, ଦଣ୍ଡନୃତ୍ୟ ଇତ୍ୟାଦି କ୍ଷେତ୍ରରେ ଜଣେ ବିଚାରକ ଭାବେ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ। ଏହାକୁ ନେଇ ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ କଟକସ୍ଥିତ କଳାବିକାଶ କେନ୍ଦ୍ରଠାରେ ରବିବାର ପ୍ରତିଭା ପୂଜା ଓ ସମ୍ବର୍ଦ୍ଧନା ଉତ୍ସବରେ ଉତ୍କଳ ଜ୍ୟୋତି ସମ୍ମାନରେ ସମ୍ମାନିତ ହୋଇଥିଲେ। ଅନୁଷ୍ଠାନର ସଂଯୋଜକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଆଗାମୀ ଦିନରେ ବିଭିନ୍ନ କ୍ଷେତ୍ରରେ ପ୍ରତିଭାବାନ ବ୍ୟକ୍ତିଙ୍କୁ ଅନୁଷ୍ଠାନ ତରଫରୁ ବିଧିମତେ ସମ୍ମାନିତ କରାଯିବ ବୋଲି ସୂଚନା ଦେଇଛନ୍ତି।



# କଦଳୀ ଫାଇବରରୁ ପ୍ରସ୍ତୁତ ସାନିଟାରୀ ପ୍ୟାଡ୍ ଉପରେ ସଚେତନତା

**ତାଳଚେର, ୧୭।୬ (ମନୋଜ ନନ୍ଦ)**

ସ୍ୱେଚ୍ଛାସେବୀ ସଙ୍ଗଠନ ସୋସିଆଲ ଡେଭଲପମେଣ୍ଟ ଫାଉଣ୍ଡେଶନ ଏବଂ ମାତା ଅମୃତାମୟୀ ଟ୍ରଷ୍ଟ କେରଳ ତରଫରୁ କଦଳୀ ଫାଇବରରୁ ପ୍ରସ୍ତୁତ ସାନିଟାରୀ ପ୍ୟାଡ୍ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ବୁଦ୍ଧଦେବ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମାତା ଅମୃତାମୟୀ ଟ୍ରଷ୍ଟ ଭୁବନେଶ୍ୱର ତରଫରୁ ଦେବ ପ୍ରସାଦ ପଟ୍ଟନାୟକ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିବା ସହ ମାସିକ ଋତୁସ୍ରାବ ସମୟରେ ସମସ୍ୟା ଓ ସ୍ୱଚ୍ଛତା ସହିତ କଦଳୀ ଫାଇବରରୁ ପ୍ରସ୍ତୁତ ସାନିଟାରୀ ପ୍ୟାଡ କିପରି ଉପାଦେୟ ତଥା ପରିବେଶ ଅନୁକୂଳ ହୋଇପାରିବ ତାହା ଉପରେ ମତାମତ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଅମ୍ରିତା ହସ୍ପିଟାଲ ଫରିଦାବାଦର ରେଜିଷ୍ଟ୍ରାର ତଥା ପ୍ରଫେସର ପ୍ରବୀଣ ବିଷ୍ଟ ଯୋଗଦାନ କରିବା ସହ କଦଳୀ ଫାଇବରରୁ ପ୍ରସ୍ତୁତ ସାନିଟାରୀ ପ୍ୟାଡ କିପରି ପରିବେଶ ଅନୁକୂଳ ତଥା ସର୍ବଭାରତୀୟସ୍ତରରେ ଆଦୃତ ହୋଇପାରିଛି ଏବଂ ଏହାକୁ ଥରେ କିଣିକି ୩ବର୍ଷ ପର୍ଯ୍ୟନ୍ତ ବ୍ୟବହାର କରିହେବ ତାହା ଉପରେ ଅନୁଗୋଳ ଏବଂ ଢେଙ୍କାନାଳ ଜିଲାରୁ ଅଂଶଗ୍ରହଣ କରିଥିବା ଗୋଷ୍ଠୀ ସାଧନ କର୍ମୀମାନଙ୍କୁ ବୁଝାଇଥିଲେ। ଗ୍ରାମାଞ୍ଚଳରେ ୩୦ରୁ ୩୫ ଜଣଙ୍କୁ ନେଇ ସଚେତନତା ଅଭିଯାନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସହ ପ୍ରତି କାର୍ଯ୍ୟକ୍ରମ ପିଛା ଷ୍ଟାଇପେଣ୍ଡ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନ ତରଫରୁ ମମତାରାଣୀ ବିଶିମାଝୀ, ମହାଦେବ ଦାସ ଏବଂ ମନୋରଞ୍ଜନ ସାଇଁ ପ୍ରମୁଖ ସହଯୋଗ କରିଥିଲେ।




ସଚେତନତା କାର୍ଯ୍ୟକ୍ରମରେ ଫାଉଣ୍ଡେସନ ଓ ଅନୁଷ୍ଠାନ କର୍ମକର୍ତ୍ତାମାନଙ୍କ ସହ ଅନ୍ୟମାନେ।

# ତୃତୀୟ ଗିରାଙ୍ଗ ପ୍ରିମିୟର ଲିଗ୍ ଉଦ୍‌ଯାପିତ



ଗିରାଙ୍ଗ ପ୍ରିମିୟର ଲିଗ୍ କ୍ରିକେଟ ଉଦ୍‌ଯାପନ କାର୍ଯ୍ୟକ୍ରମରେ ଅତିଥି ଓ ଖେଳାଳିମାନେ।

**ଅନୁଗୋଳ, ୧୭।୬**

ଅନୁଗୋଳ ଜିଲା ନାଲ୍‌କୋନଗର ଅନ୍ତର୍ଗତ ଗିରାଙ୍ଗ ଗ୍ରାମ ପଡ଼ିଆରେ ତୃତୀୟ ଗିରାଙ୍ଗ ପ୍ରିମିୟର ଲିଗ୍ କ୍ରିକେଟ ଉଦ୍‌ଯାପିତ ହୋଇଯାଇଛି। ଏହି ଲିଗ୍‌ରେ ମୋଟ ୫ଟି ଟିମ୍ ପୁନମ ୱାରିୟର୍ସ, ଗିରାଙ୍ଗ ପାନ୍ଥସ, ବଜରଙ୍ଗୀ ୱାରିୟର୍ସ, ଇଲାଇଟି ଇଲେଭେନ, ଫ୍ରେଣ୍ଡସ କ୍ଲବ ଅଂଶଗ୍ରହଣ କରିଥିଲେ। ବଜରଙ୍ଗୀ ୱାରିୟର୍ସ ଓ ଗିରାଙ୍ଗ ପାନ୍ଥସ ମଧ୍ୟରେ ପ୍ରଥମ ମ୍ୟାଚ ଖେଳାଯାଇଥିଲା। ବଜରଙ୍ଗୀ ୱାରିୟର୍ସ ପ୍ରଥମେ ବ୍ୟାଟିଂ କରି ୯୯ ରନ ସଂଗ୍ରହ କରିଥିଲା। ଗିରାଙ୍ଗ ପାନ୍ଥସ ୧୦୨ ରନ କରି ବିଜୟୀ ହୋଇଥିଲା। ଏହାପରେ ୫ ଓଭରିଆ ଦ୍ୱିତୀୟ ମ୍ୟାଚରେ ଗିରାଙ୍ଗ ପାନ୍ଥସ ୧୭ ରନ କରି ଅଲଆଉଟ ହୋଇଥିଲା। ଜବାବରେ ବଜରଙ୍ଗୀ ୱାରିୟର୍ସ ୨ ଓଭରରେ ବିଜୟ ହୋଇଥିଲା। ତୃତୀୟ ମ୍ୟାଚ ୩ ଓଭରିଆ ଖେଳାଯାଇଥିଲା। ଏଥିରେ ବଜରଙ୍ଗୀ ୱାରିୟର୍ସ ୫୩ ରନ ସଂଗ୍ରହ କରିଥିଲା। ଜବାବରେ ଗିରାଙ୍ଗ ପାନ୍ଥସ ୩୨ ରନ କରି ପରାଜୟ ବରଣ କରିଥିଲା। ବଜରଙ୍ଗୀ ୱାରିୟର୍ସ ଚାମ୍ପିୟନ ହେବା ସହ ବିଜୟ ଟ୍ରଫି ହାସଲ କରିଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗିରାଙ୍ଗ ସରପଞ୍ଚ ଛବିରାଣୀ ଦେହୁରୀ ଯୋଗଦେଇ ବଜରଙ୍ଗୀ ୱାରିୟର୍ସଙ୍କୁ ଚମ୍ପିୟାନ ଟ୍ରଫି ପ୍ରଦାନ କରିଥିଲେ। ବଜରଙ୍ଗୀ ୱାରିୟର୍ସର ସଞ୍ଜିଙ୍କୁ ଗ୍ରାମ କମିଟି କାର୍ଯ୍ୟକାରୀ ସଭାପତି ରଞ୍ଜନ ନାଏକ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଗିରାଙ୍ଗ ପାନ୍ଥସର ଚିନ୍ନୁଙ୍କୁ ଲମ୍ବୋଧର ଦେହୁରୀ ମ୍ୟାନ ଅଫ ଦି ସିରିଜ ଟ୍ରଫି ପ୍ରଦାନ କରିଥିଲେ। ଗୁଲୁ ସେଠ ବେଷ୍ଟ ବ୍ୟାଟ୍ସମ୍ୟାନ ଚିନ୍ନୁଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଇଲାଇଟି ଇଲେଭେନର କେକେଙ୍କୁ ବେଷ୍ଟ ବୋଲର ଟ୍ରଫି ରଞ୍ଜନ ସାହୁ ପ୍ରଦାନ କରିଥିଲେ। ଇଲୁଙ୍କୁ ବେଷ୍ଟ ଫିଲଡର ଟ୍ରଫି ମଧୁ ସାହୁ ପ୍ରଦାନ କରିଥିଲେ। ଅମରଙ୍କୁ ବେଷ୍ଟ କ୍ୟାଚର ଟ୍ରଫି ସୁଜନ ସାହୁ ପ୍ରଦାନ କରିଥିଲେ। ନିରଞ୍ଜନ ନାଏକ, ଅବିନାଶ ସାମଲ ଖେଳ ପରିଚାଳନା କରିଥିଲେ। ଟୁନା ଗଡ଼ନାୟକ, ମନ୍ଟୁ, ଅଭି, ସଞ୍ଜିତ, ଶିବୁ, ଗୁଡ୍ଡୁ, ସୁମନ, ଅଜିତ, ଚଗଲା ଖେଳ ଆୟୋଜନ କରିଥିଲେ।

# 'ନିଃସ୍ୱାର୍ଥପର ଭାବେ ସାହାଯ୍ୟ ସହଯୋଗ କରନ୍ତୁ'



ଆର୍ଟ ଅଫ୍ ଗିଭିଂ ଦିବସ ପାଳନ ଅବସରରେ ଅତିଥି ଓ ଶୁଭେଚ୍ଛୁମାନେ।

ଢେଙ୍କାନାଳ,୧୭।୬(ରତନ ନାୟାର)

ଢେଙ୍କାନାଳ ଗୋପବନ୍ଧୁ ଟାଉନ ହଲ୍‌ଠାରେ ସୋମବାର ଆର୍ଟ ଅଫ୍ ଗିଭିଙ୍ଗ୍ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ କହିଲେ ଯେ, ଦେବାରେ ଆନନ୍ଦ ଥାଏ। କିନ୍ତୁ ନିଃସ୍ୱାର୍ଥପର ଭାବେ ଦାନ ଓ ସାହାଯ୍ୟ ସହଯୋଗ କଲେ ଆର୍ଟ ଅଫ୍ ଗିଭିଂର ପ୍ରକୃତ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସଫଳ ହୋଇପାରିବ। ସମ୍ମାନିତ ଅତିଥି ଭାବେ ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକ, ଶିକ୍ଷାବିତ୍ ଡ. ପୁଷ୍ପଲତା ରଥ, ଜିଲା ସାମ୍ବାଦିକ ସଂଘ ସମ୍ପାଦକ ସତ୍ୟ ସ୍ୱରୂପ ଦାସ, ଶିକ୍ଷାବିତ୍ ସମୀର କୁମାର ସାହୁ ଓ ଡ. ଦେବୀ ପ୍ରସାଦ ମିଶ୍ର, ସମାଜସେବୀ ସୁକାନ୍ତ ମିଶ୍ର, ସାହିତ୍ୟିକ ଅବନୀ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇ ନିଜ କ୍ଷମତା ଅନୁସାରେ ସାହାଯ୍ୟ ଓ ସହଯୋଗ କଲେ, ସମାଜର କଲ୍ୟାଣ ହେବ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ସମାଜସେବୀ ଶିଶିର ଶତପଥୀ, ନାଟ୍ୟକାର ଦୀନେଶ ଦାସ ଓ ସାହିତ୍ୟିକ ସୌମେନ୍ଦୁ ଶତପଥୀ, କବି ବାହାଦୁର ପାଟସାହାଣୀ ପ୍ରମୁଖ ଆର୍ଟ ଅଫ୍ ଗିଭିଂ ଦିବସର ମହତ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କିଟ୍ ଅନୁଷ୍ଠାନର ଡେପୁଟି ମ୍ୟାନେଜର ମାନସ ମିଶ୍ର ଏହି ଦିବସ ପାଳନ ପାଇଁ ଅନୁଷ୍ଠାନର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କଳିଙ୍ଗ ଟିଭିର ଜିଲା ପ୍ରତିନିଧି ଅଥୟ କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଖଟଖୁରାରେ ରଜ ମହୋତ୍ସବ ପାଳିତ

କାମାକ୍ଷାନଗର,୧୭।୬(ଅମ୍‌ଜାଦ୍ ଖାନ୍)

କାମାକ୍ଷାନଗର ବ୍ଲକ ବାଲିଗୋରଡ ପଞ୍ଚାୟତ ଖଟଖୁରା ଗ୍ରାମରେ ଷଷ୍ଠ ବାର୍ଷିକ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଗ୍ରାମର ମହାନ୍ତି ସାହି ତରଫରୁ ରଜ କମିଟିର ନିରଞ୍ଜନ ରାଉତ ଓ ସିଦ୍ଧାର୍ଥ ଆଏଚଙ୍କ ଆୟୋଜନରେ ରଜମହୋତ୍ସବର ବିଚାରପତି ଭାବେ ଅଜୟ ପଟ୍ଟନାୟକ କାର୍ଯ୍ୟ ତୁଲାଇଥିଲେ। ଗୋବିନ୍ଦ ଚନ୍ଦ୍ର ଦାସ ସଂଯୋଜନା କରୁଥିଲେ। ଗ୍ରାମର ମହିଳା, କିଶୋରୀ କୁନି ଝିଅମାନଙ୍କୁ ନେଇ ନାଚ, ଗୀତ, ଝୋଟି, ପୁଚି, ବାଟି ଚାମଚ, ମ୍ୟୁଜିକ୍ ଚେୟାର ଭଳି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ବିଚାରପତି ଭାବେ ଆଇନଜୀବୀ ବିମଳ ଚନ୍ଦ୍ର ବିଶ୍ୱାଳ, ଅଶୋକ କୁମାର, ଲକ୍ଷ୍ମୀନାରାୟଣ ପ୍ରଧାନ, ଅମିୟ ପଟ୍ଟନାୟକ, ନୃସିଂହ ଚରଣ ପଟ୍ଟନାୟକ ଓ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ନିଗମାନନ୍ଦ ସାହୁ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ୨୦୨୪ ମସିହାର ବରିଷ୍ଠ ବିଭାଗର ରଜ କୁଇନ ଭାବେ ଭାଗ୍ୟଶ୍ରୀ ନାୟକ ଓ କନିଷ୍ଠ ବିଭାଗର ସୁଶ୍ରୀସଙ୍ଗୀତା ପଟ୍ଟନାୟକଙ୍କୁ ରଜ କୁଇନ ମୁକୁଟ ପିନ୍ଧାଇଥିଲେ। ସେହିପରି କାମାକ୍ଷାନଗର ଅଞ୍ଚଳର ମାଳପୁରା, ଆଳତୁମା, ବାଙ୍ଗୁରା ଓ କାନପୁରାରେ ରଜ ମହୋତ୍ସବ ପାଳିତ ହୋଇଯାଇଛି।



# ୧୮ରୁ ୨୦ ଯାଏ ସକାଳୁଆ ସ୍କୁଲ

ଢେଙ୍କାନାଳ,୧୭।୬(ରତନ ନାୟାର)

ପାଣିପାଗ ବିଭାଗ ସୂଚନାକୁ ଭିତ୍ତିକରି ନିଜ ଜିଲାରେ ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡିକର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯିବ କିମ୍ବା ସମୟ ନିର୍ଘଣ୍ଟ ପରିବର୍ତ୍ତନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସୋମବାର ନିର୍ଦ୍ଦେଶନାମା ଆସିଛି। ଏହି ନିର୍ଦ୍ଦେଶନାମାକୁ ଭିତ୍ତିକରି ଢେଙ୍କାନାଳ ଜିଲାରେ ବିଦ୍ୟାଳୟଗୁଡିକ ୧୮ ତାରିଖରୁ ୨୦ତାରିଖ ପର୍ଯ୍ୟନ୍ତ ସକାଳ ସାଢେ ୬ଟାରୁ ପୂର୍ବାହ୍ନ ସାଢେ ୧୦ଟା ପର୍ଯ୍ୟନ୍ତ ଖୋଲା ରଖିବା ପାଇଁ ଜିଲାପାଳ ଅମ୍ରିତ ଋତୁରାଜ ନିଷ୍ପତ୍ତି ନେଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜଣାଇ ଦିଆଯାଇଛି। ସମଗ୍ର ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଓ ଗରମକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି।

# ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ରଜ ଉତ୍ସବ


ରଜ ଉତ୍ସବରେ ସାମିଲ ନିତା ନୃତ୍ୟାଙ୍ଗନାର କଳାକାରମାନେ।

ଢେଙ୍କାନାଳ,୧୭।୬(ରତନ ନାୟାର)

ଢେଙ୍କାନାଳ ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ ଶିଶୁଗୃହଠାରେ ନୃତ୍ୟ ଅନୁଷ୍ଠାନ ନୀତା ନୃତ୍ୟାଙ୍ଗନା ତରଫରୁ ରଜ ମହୋତ୍ସବ ମହା ସମାରୋହରେ ପାଳନ କରାଯାଇଛି। ପ୍ରାରମ୍ଭରେ ଶିଶୁ ଗୃହ ଅନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ ସହ ନିତା ନୃତ୍ୟାଙ୍ଗନା ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ମିଶି ବହୁ ସୁନ୍ଦର ଭାବରେ ରଜ ଉତ୍ସବ ପାଳନ କରିଥିଲେ ଏବଂ ଦୋଳି ଖେଳିଥିଲେ। ଏହି ଅବସରରେ ଅତିଥି ଭାବରେ ମହର୍ଷୀ ଦୟାନନ୍ଦ ସର୍ଭିସ୍ ମିଶନ ଅନୁଷ୍ଠନ ସମ୍ପାଦକ ପ୍ରଦୀପ ସାହୁ ଯୋଗଦାନ କରି ପିଲାମାନଙ୍କ ପ୍ରତି ଯତ୍ନବାନ୍ ହେବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମରେ ସାମିଲ ହୋଇ ଛୋଟ ଛୋଟ ପିଲାମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ସମାଜସେବୀ ବନଜା ମାନ୍‌ସିଂ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜଣାଇଥିଲେ। ସମ୍ପାଦକ ଆଶିଷ କୁମାର ପାଲ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭ୍ୟା ସୁଚିସ୍ମିତା ମାନା, ସୁଦୀପ୍ତା ଶୁଭଦର୍ଶିନୀ, ସାଗରିକା ଶତପଥୀ, ଅଜିତ୍ ପାଲ୍, ବର୍ଷାରାଣୀ ରଣା, ସାଇ ଶୁଭମ୍ ଦାସ ସହାୟତା କରିଥିଲେ। ଶେଷରେ ଅନୁଷ୍ଠାନ ତରଫରୁ ସମସ୍ତ କଳାକାରଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା।

# ଆନନ୍ଦ ଉଲ୍ଲାସର ସହ ଇଦ୍–ଉଜ୍–ଜୁହା ପାଳିତ

ଢେଙ୍କାନାଳ,୧୭।୬(ରତନ ନାୟାର)

ଢେଙ୍କାନାଳ ସହରରେ ସୋମବାର ସମସ୍ତ ମସ୍‌ଜିଦରେ ଇଦ୍–ଉଜ୍–ଜୁହା ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମୁସଲମାନ ଭଉଣୀଭାଇମାନେ ପରସ୍ପରକୁ ଆନ୍ତରିକ ଶୁଭେଚ୍ଛା ଜଣାଇଥିବା ଦେଖାଯାଇଥିଲା। ଢେଙ୍କାନାଳ ସହରସ୍ଥିତ ଗୁଡିଆନାଳୀଠାରେ ଥିବା ମସ୍‌ଜିଦରେ ସକାଳ ୮ଟା, ମିନାବଜାର ସ୍ଥିତ ମସ୍‌ଜିଦରେ ସକାଳ ସାଢେ ୮ଟା ଓ କାଞ୍ଚନବଜାରସ୍ଥିତ ମସ୍‌ଜିଦରେ ସକାଳ ୯ଟାରେ ସାମୂହିକ ନମାଜ ପାଠ ହୋଇଥିଲା। ସେବା, ସମର୍ପଣ ଓ ତ୍ୟାଗର ଏହି ପର୍ବ ସହରରେ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଥିଲା।


ମିନାବଜାରସ୍ଥିତ ମସଜିଦ୍‌ରେ ସାମୂହିକ ନମାଜପାଠ।

# ବେଲଟିକିରି ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଦନ୍ତା

ଢେଙ୍କାନାଳ,୧୭।୬(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା କପିଳାସ ରେଞ୍ଜ୍ ବେଲଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ରାସ୍ତାରେ ସୋମବାର ଅପରାହ୍ନରେ ଏକ ଗୋଠଛଡା ଦନ୍ତାହାତୀ ବହୁ ସମୟ ଧରି ଛିଡାହୋଇ ରହିବା ସହିତ ଉପଦ୍ରବ କରିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଥିଲେ। ଉକ୍ତ ଗୋଠଛଡା ଦନ୍ତା ହାତୀଟି ବେଲଟିକିରି ଅଞ୍ଚଳ ଛାଡି ଯାଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଥିଲା। ଖବରପାଇ କପିଳାସ ରେଞ୍ଜର ଓ ବନ କର୍ମଚାରୀ ଏବଂ ହାତୀ ସ୍କ୍ୱାଡ୍ ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଘଉଡ଼ାଇବା ପାଇଁ ଉଦ୍ୟମ ଜାରି ରଖିବା ସହିତ ହାତୀର ଗତିବିଧି ଉପରେ ନଜର ରଖିଛନ୍ତି ବୋଲି କପିଳାସ ରେଞ୍ଜର ତରୁଣ କୁମାର ମହାନ୍ତି ସୂଚନା ଦେଇଛନ୍ତି।

# ଆର୍ଟ ଅଫ୍ ଗିଭିଂର ସଚେତନତା ଶିବିର

ରାସୋଳ,୧୭।୬(ସରୋଜ କୁମାର ମିଶ୍ର)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ବାଙ୍କଟିଆସ୍ଥିତ ଗଣେଶ୍ୱର କ୍ଲବ ସମ୍ମିଳନୀ କକ୍ଷରେ ଆର୍ଟ ଅଫ ଗିଭିଂର ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଭାତ ରଞ୍ଜନ ପୃଷ୍ଟିଙ୍କ ସଂଯୋଜନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହିନ୍ଦୋଳ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଶ୍ରୀନିବାସ ମିଶ୍ର, ମୁଖ୍ୟବକ୍ତା ଭାବେ ପରିବେଶବିତ୍ ରତିକାନ୍ତ ଗଡ଼ନାୟକ ଯୋଗ ଦେଇଥିଲେ। ଗଣେଶର କ୍ଲବ ସମ୍ପାଦକ ରାଜେନ୍ଦ୍ର ପାଳ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟତମ ବକ୍ତା ଭାବେ ଶିକ୍ଷାବିତ୍ ସୁବାସ ଚନ୍ଦ୍ର ମିଶ୍ର ଓ ମହେଶ୍ୱର ସାମଲ ଉପସ୍ଥିତ ଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ଚିନ୍ତାଧାରାକୁ ଆନୁଷ୍ଠାନିକ ରୂପ ଦେଇ ପ୍ରସାର ପ୍ରଚାର ନିମନ୍ତେ ଅଭିଯାନ ଆରମ୍ଭ କରିଥିବାରୁ ଏହା ଜାତି, ବର୍ଣ୍ଣ, ଧର୍ମ, ଲିଙ୍ଗ ଓ ବୟସ ନିର୍ବିଶେଷରେ ଲକ୍ଷାଧିକ ଅନୁଗାମୀ ଓ ଅଂଶୀଦାର ସୃଷ୍ଟି କରିବା ସହ ସମଗ୍ର ବିଶ୍ୱରେ ଅଭୁତ ପୂର୍ବ ପ୍ରସିଦ୍ଧି ଲାଭ କରିପାରିଛି। ଏହି କାର୍ଯ୍ୟକ୍ରମରେ ଶତାଧିକ ଆଗ୍ରହୀ ଯୁବତୀ ଯୁବକ ଦାନ କଳା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



# ଇଦ୍–ଉଜ୍–ଜୁହା ଅବସରରେ ସମୂହ ନମାଜ ପାଠ



କାମାକ୍ଷାନଗର,୧୭।୬(ଅମ୍‌ଜାଦ୍ ଖାନ୍)

ଢେଙ୍କାନାଳ ଜିଲା କାମାକ୍ଷାନଗର ସହରରେ ସୋମବାର ତ୍ୟାଗ ଓ ବଳିଦାନର ପର୍ବ ଇଦ୍–ଉଜ୍–ଜୁହା ପାଳିତ ହୋଇଯାଇଛି। ତରୁଣ ବଜାରସ୍ଥିତ ଜାମା ମସଜିଦରେ ସକାଳ ୯ଟା ୩୦ରେ ଇମାମ୍ ହାପିଜ ଜାହାଙ୍ଗୀର ଖାନ ସମୂହ ନମାଜ ପାଠ କରାଇଥିଲେ। ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। କମିଟି ସଭାପତି ଅର୍ଶଦ ଅହମଦ୍ ଖାନ୍, ସମ୍ପାଦକ ତାରିକ ହୁସେନ ଖାନ୍, ହାଜି ମଜିଦ ଅଲ୍ଲୀ ଖାନ୍, ଜାକିର ହୁସେନ ଖାନ୍, ତଫଜ୍ଜୁଲ ଖାନ୍, ଶେଖ ଅଶିନୀ ଉଲ୍ଲା, ସାଜିଦ ଖାନ୍, ଶୟଦ ଉସ୍ମାନ ଅଲ୍ଲୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଅନନ୍ତପୁର ସ୍ଥିତ ଗୌସେ ରଜା ସୁନ୍ନି ମସ୍‌ଜିଦରେ ଇମାମ ହାପିଜ ଅବ୍ଦୁଲ କରିମ ସକାଳ ୮ଟା ୩୦ରେ ସମୂହ ନମାଜ ପାଠ କରାଇଥିଲେ। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। କମିଟି ସଭାପତି ମିର୍ଜା ସୁଲେମାନ ବେଗ, ସମ୍ପାଦକ ମିର୍ଜା ବାବୁଲି ବେଗ, ଶେଖ ନଇମ, ସତ୍ତାର ଖାନ୍, ଶେଖ କୌଶର ଅଲ୍ଲୀ, ମିର୍ଜା ସୁଲତାନ ବେଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହରର ପ୍ରତିଷ୍ଠିତ ବ୍ୟକ୍ତିମାନେ କୁର୍ବାନି ଦେଇଥିଲେ।

# ଶ୍ୟାମଳ ଗ୍ରାମରେ ହାତୀ ଆତଙ୍କ

ଭୁବନ,୧୭।୬( ବିପିନ ବିହାରୀ ସେଠୀ)

ଭୁବନ ଥାନା ଶ୍ୟାମଳ ଗ୍ରାମରେ ସୋମବାର ସନ୍ଧ୍ୟାରେ ଏକ ହାତୀ ଆତଙ୍କ ସୃଷ୍ଟି କରିଛି। ହାତୀଟି ବ୍ରାହ୍ମଣୀ ନଦୀ ପାର ହୋଇ ଶ୍ୟାମଳ ଗ୍ରାମକୁ ପଶି ଆସି ଗ୍ରାମର ପ୍ୟଣବନ୍ଧୁ ଥାଟୋଇଙ୍କ ଘର ଭାଙ୍ଗି ଦେବା କଗ ଭାତ ହାଣ୍ଡି ଫୋପାଡି ଦେଇଥିଲା। ଏହାଦେଖି ପରିବାର ଲୋକ ଜୀବନ ବଞ୍ଚାଇ ଘରୁ ବାହାରକୁ ଚାଲି ଆସିଥିଲେ। କିଛି ସମୟ ପରେ ହାତୀଟି ଗ୍ରାମ ବାହାରେ ଥିବା କୁନିନ୍ଦା ଗ୍ରାମ ନିକଟସ୍ଥ ଆକାଶିଆ ଜଙ୍ଗଲକୁ ଯାଉଥିବା ସମୟରେ ୨ଜଣ ଲୋକ ହାତୀକୁ ଦେଖି ଭୟଭୀତ ହୋଇପଡିଥିଲେ। ଖବରପାଇ ଭୁବନ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଥିବା ରେଞ୍ଜର ରାକେଶ କୁମାର ଦଳେଇ ସୂଚନା ଦେଇଛନ୍ତି।



# ନବନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା

ପରଜଙ୍ଗ,୧୭।୬(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ନିର୍ବାଚନମଣ୍ଡଳୀର ନବନିର୍ବାଚିତ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କୁ ସୋମବାର ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ବାରିହାପୁର ଗ୍ରାମ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପରଜଙ୍ଗ ବ୍ଲକର ଶତାଧିକ କର୍ମକର୍ତ୍ତା ଯୋଗଦେଇ ବିଧାୟକଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଏହି ଅବସରରେ ବିଧାୟକ କହିଥିଲେ, ଏହି ବିଜୟ ସମସ୍ତ ଭାଜପା କର୍ମକର୍ତ୍ତାଙ୍କର। ନିର୍ବାଚନ ଲଢୁ ନ ଥିଲି ଆପଣମାନେ ଲଢୁଥିଲେ। ଲୋକଙ୍କ ସମସ୍ୟାର ସମାଧାନ କରାଯିବା ସହ ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ବିଧାୟକ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ନେତା ପ୍ରଶାନ୍ତ କୁମାର ଦଳବେହେରା, କାର୍ତ୍ତିକ ସାହୁ, ସନ୍ତୋଷ ରାଉତ, ସଭାନେତ୍ରୀ ଅଳକା ମହାପାତ୍ର, ସରପଞ୍ଚ ଅଶାନ୍ତି ରାଉତ, ଅରୁଣ ସାହୁ, ଆଇନଜୀବୀ ପ୍ରଦୀପ ସାହୁଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ସେହିପରି ପରଜଙ୍ଗ ସାମ୍ବାଦିକ ସଂଘ ପକ୍ଷରୁ ବିଧାୟକଙ୍କୁ ପରଜଙ୍ଗଠାରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂଘ ସଭାପତି ବିନୟ କୁମାର ଦାସ, ସମ୍ପାଦକ ରୂପକ ରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଖବରଦାତା ଉପସ୍ଥିତ ଥିଲେ।



# ସିମିଳିଆ ତୈଳିକ ବୈଶ୍ୟ ସମାଜର ବାର୍ଷିକ ଉତ୍ସବ

ଢେଙ୍କାନାଳ,୧୭।୬(ରତନ ନାୟାର)

ଢେଙ୍କାନାଳ ସିମିଳିଆ ତୈଳିକ ବୈଶ୍ୟ ସମାଜର ବାର୍ଷିକ ଉତ୍ସବ ଓ ନିର୍ବାଚନୀ ସଭା ସମାଜର ସଭାଗୃହ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସଭାପତି, ଉପସଭାପତି ଓ କୋଷାଧ୍ୟକ୍ଷ ଚୟନ କରାଯାଇଥିଲା। ଏଥିସହିତ ୧୧ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ମନୋନୀତ ସଭାପତି ଗୋପାଳଚନ୍ଦ୍ର ସାହୁ, ଉପସଭାପତି ଅଲେଖ ବିହାରୀ ସାହୁ, ସମ୍ପାଦକ ଅର୍ଜୁନ କୁମାର ସାହୁ, କୋଷାଧ୍ୟକ୍ଷ ସଦାନନ୍ଦ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନବ ନିର୍ବାଚିତ ସଭାପତି ଗୋପାଳଚନ୍ଦ୍ର ସାହୁ ସ୍ୱଚ୍ଛତା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସୁଖ, ଶାନ୍ତି ଦେଇଥାଏ। ସ୍ୱଚ୍ଛତା ରହିଲେ ସମାଜର କଲ୍ୟାଣ ହୋଇପାରିବ। ଉପସଭାପତି ଅଲେଖ ବିହାରୀ ସାହୁ କହିଲେ, ସୁସ୍ଥ ସମାଜ ପାଇଁ ସମସ୍ତେ ନୀତିନିୟମ ଭିତରେ ରହି ସ୍ୱାଧୀନଚେତା ଭାବେ କାମ କରିବା ଉଚିତ। ସମ୍ପାଦକ ଅର୍ଜୁନ କୁମାର ସାହୁ କହିଲେ, ସମାଜକୁ ବିକଶିତ କରିବା ପାଇଁ ସକାରାତ୍ମକ ଚିନ୍ତାଧାରା ନେଇ କାମ କରିବାକୁ ହେବ। କୋଷାଧ୍ୟକ୍ଷ ସଦାନନ୍ଦ ସାହୁ କହିଲେ, ପ୍ରତ୍ୟେକ ବ୍ୟକ୍ତି ପାଖରେ ଶିକ୍ଷା ଓ ଦୈବିଗୁଣ ରହିଲେ ସମାଜ ଶୀର୍ଷ ସ୍ଥାନରେ ପହଞ୍ଚିପାରିବ। ପରିଶେଷରେ ସଭାପତି ୧୧ଜଣ କମିଟି ସଦସ୍ୟ କୃଷ୍ଣଚନ୍ଦ୍ର ସାହୁ, ରାକେଶ ବେହେରା, ଅଜୟ କୁମାର ସାହୁ, ଗୋପାଳଚନ୍ଦ୍ର ସାହୁ, ବିକାଶ ବେହେରା, ମାଧବ ଚନ୍ଦ୍ର ବେହେରା, ମନୋଜ ବେହେରା, ନବକିଶୋର ବେହେରା, ନୀଳକଣ୍ଠ ସାହୁ, ସନ୍ତୋଷ ବେହେରା ଓ ଯୋଗୀନାଥ ସାହୁଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅର୍ଜୁନ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।


ସିମିଳିଆ ତୈଳିକ ବୈଶ୍ୟ ସମାଜର ନୂତନ କର୍ମକର୍ତ୍ତାମାନେ।

